# Akashvani, Sambalpur

## SAMBALPURI NEWS EVENING BULLETIN

## 1 July 2025- 7.02 pm- 7.12 pm.

*********************************************

୧- ଆଏବା ୧୪ ତାରିଖ୍‌ନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ ରାଷ୍ଟ୍ରପତି ।

୨- ଡିଜିଟାଲ୍ ଇଣ୍ଡିଆ ଇହାଦେ ଜନଆନ୍ଦୋଲନ୍ ହେଇଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ରଥଯାତ୍ରାର୍ ୫ ନମ୍ବର୍ ଦିନେ ଆଏଜ୍ ପାଲନ୍ ହେଉଛେ ହେରା ପଂଚ୍‌ମୀ ନୀତି ।

୪- ରଥଯାତ୍ରାର୍ ସୁପରିଚାଳନା ଲାଗି ପୁରୀଠାନେ ସମୀକ୍ଷା ବୈଠକ୍ କଲେ ମୁଖ୍ୟମନ୍ତ୍ରୀ ।

- ବାକି ସବୁ ନୀତି ଶୃଙ୍ଖଳିତ୍ ଭାବେ କର୍‌ବାର୍‌କେ ଦେଲେ ନିର୍ଦ୍ଦେଶ୍ ।

ଆଉର୍

୫- ଲଘୁଚାପ୍‌ର ବଲେ ଆଏବା ୪ ତାରିଖ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଲାଗି ରହେବା ବର୍ଷା ।

ରାଷ୍ଟ୍ରପତି ଓଡ଼ିଶା ଗସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୧୪ ତାରିଖ୍ ଦିନ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଗସ୍ତର୍ ପହେଲା ଦିନେ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍ - ଏମ୍ସର ସମାବର୍ତନ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ସେହିଦିନ ରାତି ରାଜଭବନ୍ ଠାନେ ରହେବେ । ଆରଦିନ କଟକ୍ ରେଭେନ୍ସା ବିଶ୍ୱବିଦ୍ୟାଳୟର୍ ବାର୍ଷିକ୍ ସମାବର୍ତନ୍ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ତାର୍ ଉତ୍‌ରୁ ରେଭେନ୍ସା ବାଳିକା ହାଇସ୍କୁଲ୍‌ର ଶିଳାନ୍ୟାସ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ପ୍ରଧାନ୍‌ମନ୍ତ୍ରୀ-ଡିଜିଟାଲ୍ ଇଣ୍ଡିଆ ଏନ୍‌ଏସ୍‌ଡି

ଡିଜିଟାଲ୍ ଇଣ୍ଡିଆ ଇହାଦେ ଦେଶେ ଜନଆନ୍ଦୋଳନ୍ ପାଲ୍‌ଟିଛେ ଆଉ ଆତ୍ମନିର୍ଭର୍ ଭାରତ୍ ଗଠନ୍ ଦିଗେ ବଡ଼ ଭୂମିକା ନେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟକ୍ରମ୍‌ର ୧୦ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ଗୁଟେ ବ୍ଲଗ୍‌ଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଭାରତ୍ ଇହାଦେ ଡିଜିଟାଲ୍ ଶାସନ୍ ନୁ ବିଶ୍ୱ ଡିଜିଟାଲ୍ ଗୁରୁ ହେବାର୍‌କେ ଯାଉଛେ । ଡିଜିଟାଲ୍ ଇଣ୍ଡିଆ ଲକ୍ଷ୍ୟ ହାସଲ୍

କର୍‌ବାର୍ ଲାଗି ଇହାଦେ ଦେଶେ ୪୨ ଲାଖ୍ କିଲୋମିଟର୍ ଅପ୍ଟିକାଲ୍ ଫାଇବର୍ କେବୁଲ୍ ବିଛାଯାଇଛେ, ଯେନ୍‌ଟାକି ପୁର୍‌ଥି ଆର୍ ଚନ୍ଦ୍ରର୍ ଦୂରତାର୍ ୧୧ ଗୁନା ଆଏ। ଇତାର୍‌ବଲେ ଦେଶର୍ ଫି' ନିପଟ୍ ମଫସଲ୍ ଗାଁକେ ଭିଲ୍ ଆଏଜ୍ ଅତି ସହଜ୍ ଆର୍ ସରଲ୍ ଭାବେ ଇଂଟର୍‌ନେଟ୍ ସେବା ପୁହୁଁଚିପାରିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍। ଭାରତ୍‌ର ଆଧାର୍, କୋୱିନ୍, ଡିଜି ଲକର୍, ଫାଷ୍ଟଟେଗ୍, ପିଏମ୍ ବାଣୀ ବାଗିର୍ ଡିଜିଟାଲ୍ ସେବାକେ ଆଏଜ୍ ସାରା ପୁର୍‌ଥିର୍ ଲୁକେ ଅପନଉଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍।

କେନ୍ଦ୍ର କେବିନେଟ୍   ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଜାତୀୟ କ୍ରୀଡ଼ା ନୀତି - ୨୦୨୫ କେ ଅନୁମୋଦନ୍ ମିଲିଛେ। କେନ୍ଦ୍ର କେବିନେଟ୍ ବୈଠକ୍ ବାବ୍‌ଦେ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚ୍‌ନା ଦେଇକରି କହିଛନ୍, ଆଘୋନୁ ଥିବା ଜାତୀୟ କ୍ରୀଡ଼ାନୀତି ୨୦୦୧ ଜାଗା ନ ଇ ନୂଆଁ କ୍ରୀଡ଼ା ନୀତି କାର୍ଯ୍ୟକାରୀ ହେବା। ଦେଶର୍ କ୍ରୀଡ଼ା କ୍ଷେତ୍ରଥି ବ୍ୟାପକ୍ ପରିବର୍ତ୍ତନ୍ ଆନ୍‌ବାର୍ ଆଉ ଖେଲ୍ ଜରିଏ ନାଗରିକଙ୍କୁ ସଶକ୍ତ କର୍‌ବାର୍ ଉଦ୍ଦେଶ୍ୟଥି ଇ ପଦକ୍ଷେପ୍ ନିଆଯାଇଛେ। ନୂଆଁ କ୍ରୀଡ଼ାନୀତି ଅନ୍‌ସାରେ

ଖେଲ୍‌କେ ଜନଆନ୍ଦୋଲନ୍ କର୍‌ବାର୍ ଲକ୍ଷ୍ୟଥି ରଣନୀତିକ୍ ଢାଂଚା ତିଆର୍ କରାଯାଇଛେ । ନୂଆଁ ଶିକ୍ଷାନୀତି ଆଧାର୍‌ଥି ଖେଲ୍‌କେ ଶିକ୍ଷା ସାଙ୍ଗେ ଭିଲ୍ ଜୁଡ଼ାଯାଇଛେ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ସେନ୍ତା ନିଯୁକ୍ତି ଭିତିକ ପ୍ରୋତ୍ସାହନ୍ -ଇ.ଏଲ୍.ଆଇ. ଯୋଜ୍‌ନାକେ ଭିଲ୍ କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ମିଲିଛେ । ଇ ଯୋଜ୍‌ନା ସବୁ କ୍ଷେତ୍ରଥି ଚାକିରୀ ସୃଷ୍ଟି କର୍‌ବା, ନିଯୁକ୍ତି ଯୋଗ୍ୟତା ଆଉ ସାମାଜିକ୍ ସୁରକ୍ଷା ଦେବା । ଇଥି ପହେଲାକରି କାମ୍ କରୁଥିବା ଲୁକେ ୨ ଟା କିସ୍ତିଥି ୧୫ ହଜାର୍ ଟଙ୍କାତକ୍ ମାସ୍‌କ ମଜୁରୀ ପାଇପାର୍‌ବେ ।

ରେଲ୍ -ଓ୍ୱାନ ଆପ୍        ପି.ଆଇ.ବି.

ରେଲ୍ ଯାତ୍ରୀମାନ୍‌କର୍ ସୁବିଧା ଲାଗି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ ଗୁଟେ ନୂଆଁ ଯାତ୍ରୀସେବା ଆପ୍ 'ରେଲ୍ -ଓ୍ୱାନ୍' କେ ଶୁଭାରମ୍ଭ କରିଛନ୍ । ଇ ଆପ୍‌ଥି ଯାତ୍ରୀମାନେ ରେଲ୍ ଯାତ୍ରା ବାବଦ୍ ସବୁ ସୂଚ୍‌ନା ଗୁଟେ ଜାଗା ନ ପାଇପାର୍‌ବେ । ଟିକେଟ୍ କାଟ୍‌ବାର୍‌ନୁ ମୁଲ୍ କରିକରି ଟ୍ରେନ୍ ବାବଦ୍ ସୂଚ୍‌ନା, ପ୍ଲାଟ୍‌ଫର୍ମ ଟିକେଟ୍ ବୁକିଂ, ଯାତ୍ରା ସମିଆଥି ଖାଏବାର୍ ଜିନିଷ୍ ଅଡ଼ର୍ ସହେତେ ସବୁ ସୁବିଧା ପାଇପାର୍‌ବେ ବଲି ରେଲ୍ ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ହେରାପଂଚ୍‌ମୀ        ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀର ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ହେରାପଂଚ୍‌ମୀ ନୀତି ପାଲନ୍ କରାଯିବା । ଜଗତ୍‌ଜନନୀ ମା ଲକ୍ଷ୍ମୀ ଆଡ଼ପ୍ ମଣ୍ଡପ୍ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ୍ କର୍‌ବେ । ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ନେଇକରି ରଥ୍‌ଯାତ୍ରା କରିଥିବାର୍‌ନୁ ମା ଲକ୍ଷ୍ମୀ ଅଭିମାନ୍ କରିଛନ୍ । ସେଥିର୍‌ଲାଗି ଶରଧାବାଲି ନ ଆଏଜ୍ ରାତିର୍ ମା ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଭାଙ୍ଗ୍‌ବେ । ରାତିର୍ ୧୦ ବଜେ ସନ୍ଧ୍ୟାଧୂପ ଟେରା ପଡ଼୍‌ବା । ପଛେ ମଇଲମ, ଚନ୍ଦନଲାଗି ଆର୍ ବଡସିଂହାର ହେଇକରି ରାତିର୍ ୧ ବଜେତକ୍ ପହୁଡ଼୍ କର୍‌ବାର୍ ନୀତି ନିର୍ଘଂଟ ହେଇଛେ । ହେରାପଂଚ୍‌ମୀ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପ୍ରଧାନ୍)

*ଜଗନ୍ନାଥ୍ ମହାପୁରୁଙ୍କୁ ଶ୍ରୀମନ୍ଦିର୍ ନ ନାଇଁ ପାଇକରି ଆଡ଼ପମଣ୍ଡପ୍ ନୁ ଫିରେଇ ଆନ୍‌ବାର୍ ଲାଗି ରଥଯାତ୍ରାର୍ ୫ ନମ୍ବର୍ ଦିନେ ଅଷାଢ଼୍ ମାସର୍ ଉଜଲ୍ ପଖର୍ ଷଷ୍ଠୀ ତିଥି ଦିନ ମହାଲକ୍ଷ୍ମୀ ଗୁଣ୍ଡିଚା ଘର୍‌କେ ଯାତ୍ରା କର୍‌ବାର୍ ପରମ୍ପରା ରହିଛେ । ମା ବିମଳାଙ୍କର୍ ପରାମର୍ଶଥି ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ଯାତ୍ରାର୍ ୫ ନମ୍ବର୍ ଦିନେ ଗୁଣ୍ଡିଚା ମନ୍ଦିର୍‌କେ ଯାଇକରି ଶ୍ରୀଜଗନ୍ନାଥଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ମୋହଭଞ୍ଜନ୍ କର୍‌ସନ୍ ।*

*ଶ୍ରୀମନ୍ଦିରନୁ ଆଘର୍ ଦିନୁ ମଧ୍ୟାହ୍ନ ଧୂପ ଆଘୋନୁ ମହାଲକ୍ଷ୍ମୀଙ୍କର ଯାତ୍ରାର୍ ଲାଗି ତୟାରି ମୁଲ୍ କରାଯାଏସି । ପାଲିଙ୍କିଥି ବିଜେ କରିକରି ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିର୍‌କେ ଯାଏସନ୍ । ମହାଲକ୍ଷ୍ମୀଙ୍କର୍ ଆଦେଶ୍‌ଥି ସେନ ସେବକମାନେ ରଥର କାଠ ଭାଙ୍ଗ୍‌ବାର୍ ଆଉ ସାରଥୀଙ୍କର୍ ଲୁଗା ଚିର୍‌ବାର୍ ପରମ୍ପରା ରହିଛେ । ସେନ ମା ଲକ୍ଷ୍ମୀ ଆଉ ଶ୍ରୀଜଗନ୍ନାଥଙ୍କର୍ ଭିତ୍‌ରେ ଭିଲ୍ ଯୁକ୍ତିତର୍କ ହେସି । କିଛି ସମିଆ ଉତ୍‌ରୁ ମହାଲକ୍ଷ୍ମୀ ଲୁକିକରି ବଡ଼ଦାଣ୍ଡ ଦେଇକରି ଶ୍ରୀମନ୍ଦିର୍‌କେ ଫିରିଆଏସନ୍ । ମହାଲକ୍ଷ୍ମୀଙ୍କର୍ ରାଗ୍ ଆର୍ ହେରାପଂଚମୀ ଦିନ ଗୁଣ୍ଡିଚା ଯାତ୍ରା ଉତ୍‌ରୁ ପ୍ରଭୁ ଶ୍ରୀଜଗନ୍ନାଥ୍ ପ୍ରତିଶ୍ରୁତି ରକ୍ଷା କରିକରି ଶ୍ରୀମନ୍ଦିର୍‌କେ ଫିର୍‌ବାର୍ ଲାଗି ରାଜି ହେଇଯାଏସନ୍ । ଇତାର୍‌ଉତ୍‌ରୁ ରଥମାନ୍‌କୁ ଦକ୍ଷିଣ ମୋଡ଼ କର୍‌ବାର୍ ଲାଗି ସେବକ୍‌ମାନ୍‌କୁ ଆଦେଶ୍ ଦସନ୍ । ଆକାଶବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପ୍ରଧାନ୍ ।*

ମୁଖ୍ୟମନ୍ତ୍ରୀ- ବୈଠକ୍      ପୁରୀ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ପୁରୀ ସର୍କିଟ୍ ହାଉସ୍ ଠାନେ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ଆଏବା ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା ଆଉ ନୀଲାଦ୍ରୀ

ବିଜେ ନୀତି ଶୃଙ୍ଖଲିତ୍ ଭାବେ କର୍ବାର୍ ଲାଗି ବୈଠକ୍ଥି ଆଲୋଚନା କରାଯାଇଛେ । ଖାସ୍ କରି ଆଡ଼ପମଣ୍ଡପ୍ ବିଜେ ଦିନ ହେଇଥିବା ଦଲାଚକ୍ଟା ଘଟ୍ନା ବାବ୍ଦେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଶାସନିକ୍ ଅଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ଆଗ୍କେ ସବୁ ନୀତି ଶୃଙ୍ଖଲିତ୍ ଭାବେ କର୍ବାର୍କେ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୈଠକ୍ଥି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ମୁଖ୍ୟ ଶାସନ୍ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍, ଅଗ୍ନିଶମ ବିଭାଗ୍ ମହାନିର୍ଦ୍ଦେଶକ୍, ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ ଆଉ ଅଲ୍ଗାମାନେ ଉପସ୍ଥିତ୍ ଥିଲେ । ସେଆଡ଼େ ଆଇନ୍ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଭିଲ୍ ଶ୍ରୀମନ୍ଦିର୍ ସେବକମାନ୍କର୍ ସାଙ୍ଗେ ଆଉ ଗୁଟେ ବୈଠକ୍ କରିକରି ସବୁ ନୀତି ଶୃଙ୍ଖଲିତ୍ ଭାବେ କର୍ବାର୍କେ ଆଲୋଚନା କରିଛନ୍ ।

ମୁଖ୍ୟମନ୍ତ୍ରୀ- ଘରୋଇ ବେଙ୍କ୍ ପ୍ରତିନିଧି ଭୁବ୍ନେଶ୍ୱର୍

ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ୩ ଟା ଘରୋଇ ବେଙ୍କ୍ ଏଚ୍ଡିଏଫ୍ସି, ଆଇସିଆଇସିଆଇ ଆଉ ଏକ୍ସିସ୍ ବେଙ୍କ୍ର ପ୍ରତିନିଧି ମାନ୍କୁ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍

ଭେଟିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ସର୍କାର୍ଙ୍କର୍ ଜନକଲ୍ୟାଣ୍କାରୀ ଯୋଜ୍ନା ମାନ୍କର୍ ଜରିଏ ଲୁକ୍କୁ ଅଏତ୍କା ଆର୍ଥିକ୍ ଋଣ ଦେବାର୍ ଲାଗି ବେଙ୍କ୍ ପ୍ରତିନିଧି ମାନ୍କୁ ପରାମର୍ଶ ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ପରାମର୍ଶ ଉତ୍ରୁ ତିନ୍ହି ବେଙ୍କ୍ର ବରିଷ୍ଠ ଅଧିକାରୀମାନେ ହିତାଧିକାରୀମାନ୍କୁ ଅଏତ୍କା ଋଣ ଦେବାର୍ ଲାଗି ସହମତି ହେଇଥିବା ଜନାପଡ଼ିଛେ ।

ଜାତୀୟ ଡାକ୍ତର୍ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଡାକ୍ତର୍ମାନ୍କର୍ ସେବା ଆର୍ ତ୍ୟାଗ୍କେ ସମ୍ମାନ୍ ଜନାବାର୍ ସହେତେ ସେମାନ୍କର୍ ନିରନ୍ତର୍ ସମର୍ପଣ୍ ଭାବ୍କେ ସୁର୍ତା କର୍ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ଡାକ୍ତର୍ ଦିବସ୍ । ୧୯୯୧ ମସିହା ଜୁଲାଇ ୧ ତାରିଖ୍ନୁ ପଶ୍ଚିମବଙ୍ଗର୍ ନାଁକରା ଡାକ୍ତର୍ ଆଉ ଆଘର୍ ମୁଖ୍ୟମନ୍ତ୍ରୀ ବିଧାନ୍ ଚନ୍ଦ୍ର ରୟଙ୍କର୍ ଜନମ୍ ଦିନ୍କେ ଜାତୀୟ ଡାକ୍ତରୀ ଦିବସ୍ ଭାବେ ପାଲନ୍ କରାଯାଉଛେ । ମାସ୍କ ଭିତ୍ରେ ରହିକରି ନିରନ୍ତର୍ ଲୁକ୍କର୍ ସେବା କରୁଥିବା ଡାକ୍ତର୍ମାନ୍କର୍ ଯତନ୍ ଲାଗି ଇ ବଛର୍ ଡାକ୍ତର୍ ଦିବସ୍ର ବାର୍ତାଥି ଆହ୍ୱାନ୍ ଦିଆଯାଇଛେ । ଜାତୀୟ ଡାକ୍ତର୍ ଦିବସ୍ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଡାକ୍ତର୍ମାନ୍କୁ ଶୁଭେଚ୍ଛା ଜନେଇକରି ସେମାନ୍କୁ ସ୍ୱାସ୍ଥ୍ୟରକ୍ଷାର୍

ପ୍ରତୀକ ଆଉ ମାନବିକତାର୍ ଗୁଟେ ସ୍ତମ୍ଭ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ନିସ୍ୱାର୍ଥପର ଭାବେ ସ୍ୱାସ୍ଥ୍ୟସେବା ଯୁଗେଇ ଦେଇକରି ସୁସ୍ଥ ଭାରତ୍ ଗଠନ୍ ଦିଗେ ସମର୍ପିତ ଫି' ଡାକ୍ତର୍‌ଙ୍କୁ ଇ ଅବ୍‌ସରେ ଅଭିନନ୍ଦନ୍ ଜନେଇଛନ୍ । ସେନ୍ତା ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଇ ଅବ୍‌ସରେ ଡାକ୍ତର୍‌ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଚାଟାର୍ଡ ଏକାଉଂଟେଂଟ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଅର୍ଥନୀତିର୍ ସୁରକ୍ଷା ଦିଗେ ମାର୍ଗଦର୍ଶନ୍ ଦଉଥିବା ଚାଟାର୍ଡ ଏକାଉଂଟେଂଟ୍ ମାନ୍‌କର୍ ସମ୍ମାନ୍ ଲାଗି ଆଏଜ୍ ଜାତୀୟ ଚାଟାର୍ଡ ଏକାଉଂଟେଂଟ୍ ଦିବସ୍ ପାଲନ୍ କରାଯାଉଛେ । ୧୯୪୯ ମସିହାଠାନୁ ଭାରତୀୟ ଚାଟାର୍ଡ ଏକାଉଂଟେଂଟ୍ ପ୍ରତିଷ୍ଠାନ୍ ତର୍‌ଫୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଟାର୍ଡ ଏକାଉଂଟେଂଟ୍‌ମାନ୍‌କର୍ କାମ୍ ଆଉ ଅନୁଭୂତିର୍ ପ୍ରଶଂସା କର୍‌ବାର୍ ସହେତେ ଗୁଟେ ବର୍‌କସ୍ ଅର୍ଥନୀତି ଲାଗି ସେମାନ୍‌କର୍ ଅବଦାନ୍ ପ୍ରଶଂସନୀୟ ବଲି କହିଛନ୍ ।

ଏଲ୍‌ଏଲ୍‌ବି ପାଠ୍ୟକ୍ରମ୍‌ଥି ନାଁଲେଖା       I&PR

**୨୦୨୫-୨୬** ଶିକ୍ଷା ବଛ୍‌ରେ ୩ ବଛ୍‌ରିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଇଛେ । ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ଆଏଜ୍ ଉପର୍‌ବେଲା ୪ ବଜେନୁ ସାମ୍ସ ପୋର୍ଟାଲ୍‌ଥି କମନ୍ ଆପ୍ଲିକେସନ୍ ଫର୍ମ ମିଲିପାରୁଛେ । ଇଥି ଆବେଦନ୍ କର୍‌ବାର୍ ଶେଷ୍ ଦିନ୍ ଇ ମାସର୍ **୧୫** ତାରିଖ୍ ରହିଛେ ।

ସୁବର୍ଣ୍ଣପୁର୍- ହେରାଂପଚ୍‌ମୀ          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ପାତାଳି ଶ୍ରୀକ୍ଷେତ୍ର ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ହେରାଫଂଚ୍‌ମୀ ପାଳନ୍ କରାଯାଉଛେ । ମା ମହାଲକ୍ଷ୍ମୀଙ୍କର୍ ଇ ସ୍ୱତନ୍ତ୍ର ବିଜେ ପର୍ବର୍ ଲାଗି ଖାସ୍ ଆୟୋଜନ୍ ମାନ୍ କରାଯାଇଛେ । ସେନ୍ତା ଜନ୍ମବେଦୀ ଠାନେ ତିନ୍‌ହି ମାହାପୁରୁଙ୍କର୍ ଦଶାବତାର୍ ବେଶ କରାଯାଉଛେ । ଇ ବେଶ ଦେଖ୍‌ବାର୍ ଲାଗି ହଜାର୍ ହଜାର୍ ଭକ୍ତଙ୍କର୍ ଭିଡ଼୍ ଜମୁଛେ ।

ବୃକ୍ଷରୋପଣ୍ କାର୍ଯ୍ୟକ୍ରମ       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ ଅଂଚଲ୍ ପରିଷଦ୍ ଆଉ ଖୁଦପେଜ ପଂଚାୟତ୍ ଠାନେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ୍, ସ୍ୱଚ୍ଛତା ଅଭିଯାନ୍ ଆଉ ସାମୂହିକ୍ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ନେତୃତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଏକାସଙ୍ଗେ ୩ ହଜାର୍ ଟା ଜାଗା ନ ସଫେଇ କରାଯାଇଥିଲା । ସେନ୍ତା ଜିଲ୍ଲାପାଲ୍‌ଙ୍କର୍ ନେତୃତ୍ୱଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଲାଖେ ଗଛ୍ ଲଗାଯାଇଛେ ।

ବିଶ୍ୱ ପୁଲିସ୍, ଅଗ୍ନିଶମ କ୍ରୀଡ଼ା ପ୍ରତିଯୋଗିତା I&PR

ଆମେରିକାର୍ ବର୍ମିଂହୋମ୍ ଠାନେ ଚାଲିଥିବା ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ କ୍ରୀଡ଼ା ପ୍ରତିଯୋଗିତାଥି ଓଡ଼ିଶା ପୁଲିସ୍‌କେ ସଫଲତା ମିଲିଛେ । ଓଡ଼ିଶା ପୁଲିସ୍‌ର କନ୍‌ଷ୍ଟେବଲ୍ ଅଶୋକ ଦଣ୍ଡସେନା ୮ ଶହ ମିଟର୍ ଦୌଡ଼ ପୁରୁଷ ବର୍ଗଥି ସ୍ୱର୍ଣ୍ଣପଦକ୍ ଜିତିଥିଲା ବେଲ୍‌କେ ୮ ଶହ ମିଟର୍ ଦୌଡ଼ ମହିଳାବର୍ଗଥି ସୁସ୍ମିତା ଟିଗ୍‌ଗା ରୌପ୍ୟପଦକ୍ ଜିତିକରି ରାଜ୍ୟ ଆଉ ଦେଶ୍ ଲାଗି ଗୌରବ୍ ଆନିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ବଲେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଜବର୍ ବର୍ଷା ଲାଗି ରହିଛେ । ଆଏବା ୪ ତାରିଖ୍‌ତକ୍ ଏନ୍ତା ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପର୍ଶ୍ଚିମ ଓଡ଼ିଶା ସହେତେ ରାଜ୍ୟର ୧୭ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।